ଜମି ଅଧିଗ୍ରହଣ ଅଧିକାରୀ ଏବଂ

ଉପ-ଜିଲ୍ଲାପାଳ, ଗଡୱାଲ

ବନାମ

ଶ୍ରୀମତୀ ଶ୍ରୀଲଥା ଭୂପାଲ ଏବଂ ଅନ୍ୟଜଣେ

21, ଏପ୍ରିଲ 1997

[କେ. ରାମାସ୍ୱାମୀ ଏବଂ ଡି. ପି. ୱାଧୱା, ନ୍ୟାୟମୂର୍ତ୍ତିଦ୍ୱୟ]

*ଭୂମି ଅଧିଗ୍ରହଣ ଅଧିନିୟମ 1894:*

*କ୍ଷତିପୂରଣ-ପ୍ରଦାନ-ଜମି ଅଧିଗ୍ରହଣ ଅଧିକାରୀ ଏକର ପିଛା 8,000 ଟଙ୍କା ପ୍ରଦାନ କରିଥିଲେ-ଉଚ୍ଚ ନ୍ୟାୟଳୟଙ୍କ ଦ୍ୱାରା ଦ୍ୱାରା ନିଶ୍ଚିତକରାଯାଇଥିଲା-ଆବେଦନ ପରେ ନିର୍ଣ୍ଣିତ ହୋଇଥିଲା ଯେ -ପ୍ରମାଣର ସ୍ଥିତିକୁ, ଜମିର ବୃହତ ପରିମାଣ ଏବଂ ତଥ୍ୟକୁ ଦୃଷ୍ଟିରେ ରଖି ବଜାର ମୂଲ୍ୟ ଜମି ଅଧିଗ୍ରହଣ ଅଧିକାରୀଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ଏବଂ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ନିଶ୍ଚିତ କରାଯାଇଥିବା ଏକର ପିଛା 8,000 ଟଙ୍କା ବଦଳରେ 20,000 ଟଙ୍କା ହେବ -ଏହା ମଧ୍ୟ 30% ହାରରେ ସାଧାରଣ ସହାୟତା ଏବଂ ଅଧିଗ୍ରହଣ ତାରିଖ ଠାରୁ ଏହିପରି ବର୍ଦ୍ଧିତ କ୍ଷତିପୂରଣ ପ୍ରଦାନ ତାରିଖ ପର୍ଯ୍ୟନ୍ତ ବର୍ଦ୍ଧିତ କ୍ଷତିପୂରଣ ଉପରେ ବାର୍ଷିକ 9 ପ୍ରତିଶତ ହାରରେ ସୁଧ ଏବଂ ତା 'ପରେ ନ୍ୟାୟାଳୟରେ ବର୍ଦ୍ଧିତ କ୍ଷତିପୂରଣ ଜମା ହେବା ପର୍ଯ୍ୟନ୍ତ 15% ହାରରେ ସୁଧ ପାଇବାକୁ ହକଦାର ।*

ଦେୱାନୀ ଆବେଦନ କ୍ଷେତ୍ରାଧିକାରିତା: ଦେୱାନୀ ଆବେଦନ ସଂଖ୍ୟା 3147/1997 ।

ଆବେଦନ ସଂଖ୍ୟା 2391/1986 ରେ ଆନ୍ଧ୍ର ପ୍ରଦେଶ ଉଚ୍ଚ ନ୍ୟାୟାଳୟଙ୍କର 8.8.96 ତାରିଖର ରାୟ ଏବଂ ଆଦେଶରୁ ।

ଆବେଦନକାରୀ ପକ୍ଷରୁ ଅତିରିକ୍ତ ସଲିସିଟର ଜେନେରାଲ ଅଲତାଫ ଅହମ୍ମଦ ଏବଂ ବି. ପାର୍ଥସାରଥୀ ଯୁକ୍ତି ବାଢ଼ିଥିଲେ ।

ନ୍ୟାୟାଳୟଙ୍କର ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା:

ଯଦିଓ ବିଜ୍ଞପ୍ତି ଜାରି କରାଯାଇଛି, ତଥାପି ଉତ୍ତରଦାତାମାନେ ବ୍ୟକ୍ତିଗତ ଭାବରେ କିମ୍ବା ଓକିଲଙ୍କ ଜରିଆରେ ହାଜର ହେଉ ନାହାଁନ୍ତି ।

ଅନୁମତି ପ୍ରଦାନ କରାଗଲା ।

ଆନ୍ଧ୍ରପ୍ରଦେଶ ରାଜ୍ୟର ମେହବୁବନଗର ଜିଲ୍ଲାର ଗଡୱାଲ ସହରରେ ବସ୍ ଡିପୋ/ଷ୍ଟାଣ୍ଡ ପ୍ରତିଷ୍ଠା ପାଇଁ, ଭୂମି ଅର୍ଜନ ଅଧିନିୟମ 1894 (ସଂକ୍ଷେପରେ, 'ଅଧିନିୟମ')ର ଧାରା 4 (1) ଅନୁଯାୟୀ ଅଧିସୂଚନା 26, ସେପ୍ଟେମ୍ବର 1981 ରେ ସର୍ବସାଧାରଣ ଉଦ୍ଦେଶ୍ୟରେ ପ୍ରକାଶିତ ହୋଇଥିଲା । ଜମି ଅଧିଗ୍ରହଣ ଅଧିକାରୀ ଡିସେମ୍ବର 27,1983 ରେ ତାଙ୍କ ରାୟ ଦ୍ୱାରା ଏକର ପିଛା 8,000 ଟଙ୍କା ହାରରେ କ୍ଷତିପୂରଣ ପ୍ରଦାନ କରିଥିଲେ । ବିଚାରାର୍ଥେ ପ୍ରେରଣ ପରେ, ଦେୱାନୀ ନ୍ୟାୟାଳୟ ଏହାର 15, ନଭେମ୍ବର 1985 ତାରିଖର ବିଚାରଦେଶ ଏବଂ ଅଧିନିର୍ଣ୍ଣୟ ଦ୍ୱାରା କ୍ଷତିପୂରଣକୁ ପ୍ରତି ବର୍ଗ ଗଜ ପିଛା 20 ଟଙ୍କାକୁ ବୃଦ୍ଧି କରିଥିଲେ । ଆବେଦନ ପରେ, ଆନ୍ଧ୍ର ପ୍ରଦେଶ ଉଚ୍ଚ ନ୍ୟାୟାଳୟଙ୍କ ଦୁଇଜଣିଆ ବିଚାରପତିଙ୍କ ଖଣ୍ଡପୀଠ ଅପିଲ ସଂଖ୍ୟା 2391/86 ରେ 8, ଅଗଷ୍ଟ 1996 ତାରିଖର ରାୟ ଏବଂ ବିଚାରଦେଶ ଦ୍ୱାରା ଏହାକୁ ନିଶ୍ଚିତ କରିଥିଲେ । ତେଣୁ, ବିଶେଷ ଅନୁମତି ଦ୍ୱାରା ଏହି ଆବେଦନ ।

ଉଚ୍ଚ ନ୍ୟାୟାଳୟ ଏକ ବିକ୍ରୟର ପ୍ରଦର୍ଶ A-4 ଉପରେ ନିର୍ଭର କରିଥିଲେ ଯାହା ଏକ ଛୋଟ ଜମି ଖଣ୍ଡ ସହିତ ଜଡିତ, ଏବଂ ସେହି ଅନୁଯାୟୀ ବଜାର ମୂଲ୍ୟ ପ୍ରତି ବର୍ଗ ଗଜ @Rs.20 ସ୍ଥିର କରିଥିଲେ । ବର୍ତ୍ତମାନ ଏହା ଏକ ସୁପ୍ରତିଷ୍ଠିତ ଆଇନଗତ ସ୍ଥିତି ଯେ ଯେତେବେଳେ ଜଣେ ଇଚ୍ଛୁକ ଏବଂ ଦୂରଦୃଷ୍ଟିସଂପନ୍ନ କ୍ରେତାଙ୍କ ଦ୍ୱାରା ଖୋଲା ବଜାରରେ ଜମିର ଏକ ବଡ଼ ଅଂଶ କିଣାଯାଏ, ସେତେବେଳେ ଜମିର ଛୋଟ ଖଣ୍ଡ ସମାନ ବଜାର ମୂଲ୍ୟ ପ୍ରଦାନ କରିପାରିବ ନାହିଁ । ଏହା ସ୍ଥିରୀକୃତ ଆଇନଗତ ସ୍ଥିତି ଯେ ନ୍ୟାୟାଳୟ ନିଜକୁ ଜଣେ ଦୂରଦୃଷ୍ଟିସଂପନ୍ନ କ୍ରେତାଙ୍କ ସପକ୍ଷରେ ଏହି ପ୍ରଶ୍ନକୁ ନିଜ ସମ୍ମୁଖରେ ରଖିବାକୁ ପଡିବ ଯେ ପ୍ରଦତ୍ତ ପରିସ୍ଥିତିରେ, ଯେତେବେଳେ ଜମିର ଛୋଟ ଖଣ୍ଡ ବିକ୍ରୟ ପାଇଁ ଦିଆଯିବ ସେତେବେଳେ ସେହି ଜମି ନ୍ୟାୟାଳୟଙ୍କ ଦ୍ୱାରା ସ୍ଥିର ସମାନ ବଜାର ମୂଲ୍ୟ ଆଣି ପାରିବ କି ନାହିଁ । ଦୁର୍ଭାଗ୍ୟବଶତଃ, ଉଚ୍ଚ ନ୍ୟାୟାଳୟ ସେହି ନୀତିକୁ ଗ୍ରହଣ କରିନାହାଁନ୍ତି; ଏହା କେବଳ ଏକ ଛୋଟ ଖଣ୍ଡ ଜମି ସମ୍ବନ୍ଧୀୟ ବିକ୍ରି ଦଲିଲ ଉପରେ ନିର୍ଭର କରିଥିଲେ । ଆମେ ଜିଲ୍ଲାପାଳଙ୍କ ଅଧିନିର୍ଣ୍ଣୟକୁ ଅଧ୍ୟୟନ କରିଛୁ । ଜିଲ୍ଲାପାଳ ବିଭିନ୍ନ ବିକ୍ରି ଦଲିଲ ବିଷୟରେ ଉଲ୍ଲେଖ କରିଥିଲେ ଏବଂ ଶେଷରେ ସେ ଏକ ବିକ୍ରି କାରବାର ଉପରେ ନିର୍ଭରତା ପ୍ରକାଶ କରିଥିଲେ ଏବଂ କହିଥିଲେ ଯେ ସର୍ବେକ୍ଷଣ ସଂଖ୍ୟା 854 ସହିତ ସମ୍ବନ୍ଧିତ ବିକ୍ରି ଦଲିଲରେ ଥିବା ଜମି କ୍ରମିକ ସଂଖ୍ୟା

120, ର ମୂଲ୍ୟ ବିକ୍ରି ତାରିଖ ଯଥା 27, ଡିସେମ୍ବର 1978ରେ 4,519-77 ଟଙ୍କା ଥିଲା । ଜମି ଅଧିଗ୍ରହଣ ଅଧିକାରୀ ଉଲ୍ଲେଖ କରିଥିଲେ ଯେ ସେଥିରେ ଥିବା ଜମିକୁ ଅଣ-କୃଷି ଜମିକୁ ରୂପାନ୍ତରିତ କରାଯାଇଥିଲା ଏବଂ ପ୍ରଶ୍ନରେ ଥିବା ଜମି ଏପର୍ଯ୍ୟନ୍ତ କୃଷି ଜମି ହୋଇ ରହିଛି ଏବଂ ଗଡୱାଲ ସହର ସଂଲଗ୍ନ ଥିଲା । ଏହି ପରିସ୍ଥିତିରେ, ସେ ବଜାର ମୂଲ୍ୟ ଏକର ପିଛା 8,000 ଟଙ୍କା ହାରରେ ପ୍ରଦାନ କରିଥିଲେ । ଏହା ଏକ ସ୍ଥିରୀକୃତ ଆଇନଗତ ସ୍ଥିତି ଯେ ଅଧିକ କ୍ଷତିପୂରଣ ପାଇଁ ଗ୍ରହଣୀୟ ପ୍ରମାଣ ଉପସ୍ଥାପନ କରି ପ୍ରମାଣ କରିବାର ଭାର ଦାବିଦାରଙ୍କ ଉପରେ ରହିଛି । ନ୍ୟାୟାଳୟଙ୍କ ଦ୍ୱାରା ନିର୍ଭରତା ପ୍ରକାଶ କରାଯାଇଥିବା ପ୍ରଦର୍ଶ A- 4କୁ ପ୍ରତ୍ୟାଖ୍ୟାନ କରାଯାଇଥିଲା, ଯଦିଓ ଜମି ଅଧିଗ୍ରହଣ ଅଧିକାରୀଙ୍କ ଅଧିନିର୍ଣ୍ଣୟ ନ୍ୟାୟର ଲକ୍ଷ ଉଦ୍ଦେଶ୍ୟରେ କଠୋରତା ଭାବରେ ପ୍ରମାଣ ନୁହେଁ । ଆମେ ଏହାକୁ ଯାଞ୍ଚ କଲୁ ଏବଂ ସେଥିରେ ସଂଗୃହିତ ତଥ୍ୟ ଉପରେ ବିଚାର କଲୁ । ପ୍ରମାଣର ସ୍ଥିତି ଏବଂ ପ୍ରଶ୍ନରେ ଥିବା ଜମିର ବୃହତ ପରିମାଣ ତଥା ତଥ୍ୟକୁ ଦୃଷ୍ଟିରେ ରଖି ଆମେ ଭାବୁଛୁ ଯେ ଉପଯୁକ୍ତ ବଜାର ମୂଲ୍ୟ ଏକର ପିଛା 20,000 ଟଙ୍କା ହେବ ଏବଂ ଏହା ନ୍ୟାୟସଙ୍ଗତ ଏବଂ ଯୁକ୍ତିଯୁକ୍ତ କ୍ଷତିପୂରଣ ହେବ ।

ତଦନୁସାରେ ଆବେଦନକୁ ଅନୁମତି ଦିଆଯାଇଛି । ଉଚ୍ଚ ନ୍ୟାୟାଳୟ ଦ୍ୱାରା ନିଶ୍ଚିତ ହୋଇଥିବା ସନ୍ଦର୍ଭ ନ୍ୟାୟଳୟଙ୍କର ଆଦେଶ ବାତିଲ କରିଦିଆଯାଇଛି । ଏହା ବଦଳରେ ଏହି ପ୍ରଦତ୍ତ ରାଶି 30 ପ୍ରତିଶତ ହାରରେ ସାଧାରଣ ସହାୟତା ରାଶି ସହିତ 20,000 ଟଙ୍କା କରାଯିବ ଏବଂ ଦଖଲ ଗ୍ରହଣ କରିବା ତାରିଖ ଠାରୁ ଏହିପରି ବର୍ଦ୍ଧିତ କ୍ଷତିପୂରଣ ପ୍ରଦାନର ତାରିଖ ପର୍ଯ୍ୟନ୍ତ ବାର୍ଷିକ 9 ପ୍ରତିଶତ ହାରରେ ବର୍ଦ୍ଧିତ କ୍ଷତିପୂରଣ ଉପରେ ସୁଧ ଏବଂ ତା 'ପରେ ନ୍ୟାୟାଳୟରେ ବର୍ଦ୍ଧିତ କ୍ଷତିପୂରଣ ଜମା ହେବା ପର୍ଯ୍ୟନ୍ତ 15 ପ୍ରତିଶତ ହାରରେ ସୁଧ ପ୍ରଦାନ କରାଯିବ । ଖର୍ଚ୍ଚ ସମ୍ବନ୍ଧରେ କୌଣସି ଆଦେଶ ରହିବ ନାହିଁ ।

ଜି. ଏନ୍. ଆବେଦନକୁ ଅନୁମତି ଦିଆଗଲା ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟାବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

ଭାଷାନ୍ତର :
ମଦନ ମୋହନ ଭୂୟାଁ
ଅନୁବାଦକ
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।